

# ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଅଭିରାମ ପରମହଂସ ଦେବ

ଅଧ୍ୟାପକ ପବିତ୍ର ମୋହନ ବାରିକ

ସର୍ବଭାରତୀୟ ମୁକ୍ତି ଯୁଦ୍ଧରେ ଓଡ଼ିଶାର ଯେଉଁ କେତେଜଣ ସାଧୁ, ସନ୍ଥ ଓ ସନ୍ନ୍ୟାସୀମାନେ ସକ୍ରିୟ ସୈନିକ ରୂପେ ଯୋଗଦାନ କରି ଐତିହାସିକ ସଂଗ୍ରାମକୁ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଥିଲେ, ସେମାନଙ୍କର ମଧ୍ୟରେ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଥିଲେ ଅନ୍ୟତମ । ଯୁଗାବତାର, ଦିବ୍ୟପୁରୁଷ, ପ୍ରେମମୟ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଏକାଧାରରେ ଜଣେ ଭଗବତ୍‌ଦର୍ଶୀ, ଈଶ୍ୱର ପ୍ରେମୀ ଓ ଦେଶପ୍ରେମୀ । ଜାତୀୟ ସଂଗ୍ରାମରେ ତାଙ୍କର ଅତୁଳନୀୟ ତ୍ୟାଗ, ଅସୀମ ବଳିଦାନ, ନିଃସ୍ୱାର୍ଥପର ଆତ୍ମୋତ୍ସର୍ଗ ଓ ଅଦମ୍ୟ ନିର୍ଭୀକତା ପାଇଁ ସେ ସ୍ମରଣୀୟ । ଜନ୍ମଭୂମିର ମୁକ୍ତି ପାଇଁ ଜୀବନ ବିସର୍ଜନକୁ ସେ ପବିତ୍ର କର୍ତ୍ତବ୍ୟ ରୂପେ ସ୍ୱୀକାର କରିଥିଲେ । ସେ ଥିଲେ ପରମ ଦେଶଭକ୍ତ ଓ ଚରମ ବିପ୍ଳବୀ । ଜାତୀୟତା, ସ୍ୱଦେଶ ବତ୍ସଳତା, ଦେଶପ୍ରେମ ଓ ସ୍ୱାଧୀନତାର ମହାମନ୍ତ୍ରରେ ଅଭିମନ୍ତ୍ରିତ ଜଣେ ସ୍ୱୟଂ ସିଦ୍ଧସାଧକ । ବିଂଶ ଶତାବ୍ଦୀର ଭକ୍ତି ଆନ୍ଦୋଳନ ଓ ସ୍ୱାଧୀନତା ଆନ୍ଦୋଳନରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଉଲ୍ଲେଖନୀୟ ସ୍ଥାନ ସୃଷ୍ଟି କରିପାରିଥିଲେ । ଐଶୀ ଶକ୍ତି ସମ୍ପନ୍ନ ଓ ଦେବଦୁର୍ଲଭ ବ୍ୟକ୍ତିତ୍ୱ ଶ୍ରୀ ଅଭିରାମ ପରମହଂସ ଦେବଙ୍କର ଘଟଣାବହୁଳ ସଂଗ୍ରାମୀ ଜୀବନର ଇତିହାସ ଯେପରି ରୋମାଞ୍ଚକର ସେହିପରି ଲୋମହର୍ଷଣକାରୀ । ପିଣ୍ଡ ବ୍ରହ୍ମାଣ୍ଡ, ଶରୀରତତ୍ତ୍ୱ, ଆଧ୍ୟାତ୍ମିକ ଚିନ୍ତାଧାରାକୁ ଭିତ୍ତି କରି ସେ ଦୁର୍ଦ୍ଧର୍ଷ ଇଂରେଜ ଶକ୍ତି ବିରୁଦ୍ଧରେ ଯେଉଁ ଅପୂର୍ବ ସ୍ୱର ଉତ୍ତୋଳନ କରିଥିଲେ, ତାହା ଇଂରେଜ ଜାତି ପ୍ରାଣରେ ପ୍ରଚଣ୍ଡ ଆଘାତ ସୃଷ୍ଟି କରିଥିଲା । ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ କରମଳା ନାମକ ଏକ ଗ୍ରାମରେ ଶ୍ରୀ ଅଭିରାମ ପରମହଂସ ଦେବ ୧୯୦୪ ମସିହା ମାଘ ତ୍ରିବେଣୀ ଅମାବାସ୍ୟାରେ ଭୂମିଷ୍ଠ ହୋଇଥିଲେ । ନିଜ ସାଧନାରେ ସିଦ୍ଧିଲାଭ କଲାପରେ ଏକାକ୍ଷରମନ୍ତ୍ର, ସନାତନ ହିନ୍ଦୁଧର୍ମର ମୌଳିକ ଦାର୍ଶନିକ ତତ୍ତ୍ୱ, ଭକ୍ତି ଭାବ, ପ୍ରେମ ଓ ମାନବିକ ମୂଲ୍ୟବୋଧର ପ୍ରଚାରରେ ସେ ନିଜକୁ ନିୟୋଜିତ କଲେ । ଠାକୁର କଟକ ଜିଲ୍ଲା ପରିଭ୍ରମଣ କରୁଥିବା ସମୟରେ ୧୯୨୯ ଖ୍ରୀଷ୍ଟାବ୍ଦରେ 'କଳି ଭାଗବତ' ନାମକ ଏକ ତତ୍ତ୍ୱ ସମ୍ବଳିତ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକର କେତେକ ପଂକ୍ତି ଇଂରେଜି ବିରୋଧି ଥିବା ଦର୍ଶାଇ ତତ୍କାଳୀନ ଇଂରେଜ ସରକାର ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲେ । ବ୍ରହ୍ମଜ୍ଞାନ ଓ ଶରୀରତତ୍ତ୍ୱ ମାଧ୍ୟମରେ ଠାକୁର ଅତ୍ୟାଚାରୀ ଇଂରେଜ ସରକାରଙ୍କ ଯେଭଳି ସମାଲୋଚନା କରିଥିଲେ ଏଭଳି ଦୃଷ୍ଟାନ୍ତ ଅନ୍ୟତ୍ର ବିରଳ । ଇଂଲଣ୍ଡର ତତ୍କାଳୀନ ଅହଂକାରୀ ସମ୍ରାଟ ପଞ୍ଚମ ଜର୍ଜଙ୍କୁ ପଞ୍ଚମନ, ନିଷ୍ଠୁର ଗୋରା ପଲଟଣକୁ ପଚିଶ ପ୍ରକୃତି ସହିତ ସେ ତୁଳନା କରିଥିଲେ । ମନୁଷ୍ୟ ଦେବ ଶିଶୁ ରୂପେ ଜନ୍ମ ନେବା ସମୟରେ ପୁଣ୍ୟ ଓ ପବିତ୍ର ଥାଏ । କିନ୍ତୁ ପରବର୍ତ୍ତୀ ସମୟରେ ପଞ୍ଚମନ ଓ ପଚିଶ ପ୍ରକୃତି ମନୁଷ୍ୟ ଶରୀରରେ ପ୍ରବେଶ କରି ଆତ୍ମାକୁ ବିଚଳିତ କରିବା ସହିତ ଅନୀତି ଓ ଅନ୍ୟାୟ ପଥରେ ଅଗ୍ରସର ହେବାରେ ସାହାଯ୍ୟ କରନ୍ତି । ପଞ୍ଚମନ ଓ ପଚିଶ ପ୍ରକୃତି ଏମାନେ ବିଦେଶୀ । ଶିଶୁ ଜନ୍ମ ସମୟରେ ଏମାନେ ଶରୀରରେ ନଥାନ୍ତି, ଏମାନେ ଆତ୍ମା ଓ ବିବେକର ସ୍ୱାଧୀନତା ଓ ସ୍ୱରାଜକୁ କଳୁଷିତ କରନ୍ତି । ତେଣୁ ଠାକୁରେ 'କଳି ଭାଗବତ'ରେ ଉଲ୍ଲେଖ କରିଛନ୍ତି -

'ପଞ୍ଚମନଟି ଯାକୁ କହି । ପଞ୍ଚ ଜର୍ଜ ଅଟେ ସେହି ॥
ଗୋରା ପଲଟଣ ଯାହାକୁ କହି । ପଚିଶ ପ୍ରକୃତିଟି ଏହି ॥
ଏହିଟି ବିଦେଶୀ ଅଟନ୍ତି । ସ୍ୱରାଜ ଉଜାଡ଼ିଣ ଦ୍ୟନ୍ତି ॥'

ଠାକୁରେ ଅନୁରୂପ ଭାବରେ 'ସନାତନ ଧର୍ମାର୍ଥ ଗୀତା'ରେ ମଧ୍ୟ ପଞ୍ଚମନକୁ ପଞ୍ଚମ ଜର୍ଜ ସହିତ ତୁଳନା କରିଛନ୍ତି । ପଞ୍ଚମନ ଯେପରି ବିଭିନ୍ନ ପାଞ୍ଚ କରି ଶରୀରରେ ଅହେତୁକ କ୍ଷତି କରନ୍ତି ସେହିଭଳି ଇଂଲଣ୍ଡର ସମ୍ରାଟ ପଞ୍ଚମ ଜର୍ଜ ଭାରତର ସ୍ୱାଧୀନତା ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଥିଲେ ।

ଜାତୀୟ ଆନ୍ଦୋଳନର ପରିପ୍ରେକ୍ଷୀରେ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ନିଜ ସମୟରେ ଘଟି ଯାଉଥିବା ଘଟଣାବଳୀକୁ ସୁନ୍ଦର ଭାବରେ 'କଳି ଭାଗବତ'ରେ ବର୍ଣ୍ଣନା କରି ଇଂରେଜ ସରକାରଙ୍କର ବିଷ ଦୃଷ୍ଟିରେ ପଡ଼ିଥିଲେ । ଇଂରେଜ ସରକାରର ଅମାନୁଷିକ ଅତ୍ୟାଚାର, ଜାତୀୟ କଂଗ୍ରେସର ସତ୍ୟାଗ୍ରହ ଆନ୍ଦୋଳନ ଓ ମହାତ୍ମା ଗାନ୍ଧୀ ବାଣୀ ନିଜସ୍ୱ ରଚନା 'କଳି ଭାଗବତ'ରେ ସ୍ଥାନ ଦେଇ ଇଂରେଜ ସରକାରଙ୍କ ଦ୍ୱାରା 'ରାଜଦ୍ରୋହୀ' ରୂପେ ଘୋଷିତ

ହେଲେ । 'କଳି ଭାଗବତ' ପୁସ୍ତକକୁ ଇଂରେଜ ସରକାର ବାଜ୍ୟାପ୍ତି କଲେ । ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ 'କଳି ଭାଗବତ'ରେ ଯେଉଁ କାଳଜୟୀ ପଦମାନ ରଚନା କରିଥିଲେ ତାହା ଜାତୀୟ ଆନ୍ଦୋଳନକୁ ଉତ୍ସାହିତ କରିବା ଦିଗରେ ସାହାଯ୍ୟ କରିଥିଲା । ଉକ୍ତ ପୁସ୍ତକରେ ଉଲ୍ଲେଖ ଥିଲା -

ଯେହୁ ଅଟେ ମହତ୍‌ଆତ୍ମା । ସେହିଟି ଅଟଇ ମହାତ୍ମା ।।
ପଶି ଶଙ୍କର ସଙ୍ଗେ ମିଳି । ବ୍ରିଟିଶ ରାଜା ମହାବଳୀ ।।
ନିଷ୍ପରେ ଯେଣୁ ନିଏ କର । ଅଧର୍ମ ଘଟିଲା ତାହାର ।।

ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ବାଣିଜ୍ୟ ବେପାର କରିବା ଉଦ୍ଦେଶ୍ୟରେ ଆସି ରାଜନୈତିକ ଦୂରବସ୍ଥାର ସୁଯୋଗ ନେଇ ଉକ୍ତ ଅଞ୍ଚଳକୁ ସେମାନଙ୍କ ଆୟତାଧୀନ କଲେ । ଯୁଗାନ୍ତକାରୀ ଐତିହାସିକ ଭାରତଛାଡ଼ ଆନ୍ଦୋଳନର ଭବିଷ୍ୟତବାଣୀ 'କଳି ଭାଗବତ'ରେ ଠାକୁରେ ସ୍ପଷ୍ଟ ରୂପେ ଅବତାରଣ କରିଥିଲେ -

ବୁଝିଲେ ଅଟନ୍ତି ବେପାରୀ । ପ୍ରକୃତ ନୁହେଁ ଦଣ୍ଡଧାରୀ ।।
ବେଳ ହେଲାଣି ଆସି ଶେଷ । ବିଦେଶୀ ଯା'ନ୍ତୁ ନିଜ ଦେଶ ।।
ବୟାଳିଶଠୁ ହେବ ଖେଳ । ଭକତମାନେ ହେବେ ମେଳ ।।
ଇଉରୋପିଆନ ଯିବେ ଛାଡ଼ି । ମୋହନ ସିନା ଦେବେ କାଢ଼ି ।।

ଠାକୁରଙ୍କର ଅନ୍ୟ କେତେକ ରଚନାବଳୀରେ ମଧ ଇଂରେଜ ବିରୋଧୀ ସ୍ୱର ଓ ଜାତୀୟତାର ଭାବ ଉଦ୍ରେକ ହୋଇଅଛି । 'ଚଉତିଶା ମଞ୍ଜୁଷ'ରେ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଇଂରେଜମାନଙ୍କୁ ମ୍ଲେଚ୍ଛ ଓ ଦୈତ୍ୟ ରୂପେ ଚିତ୍ରିତ କରି ସେମାନଙ୍କର ଅମାନବିକ କାର୍ଯ୍ୟର ତୀବ୍ର ନିନ୍ଦା କରିଛନ୍ତି -

'ସ୍ୱରାଜ୍ୟ ପତାକା ଉଡ଼ା
ସ୍ୱରାଜ୍ୟ ଅଶ୍ୱକୁ ପିଟି କୋରଡ଼ା
ଲୋ ଚମ୍ପା ଫୁଲ ...
ମ୍ଲେଚ୍ଛ, ଦୈତ୍ୟ ଘରବୁଡ଼ା ।।'

ଅବତାରୀ ପୁରୁଷ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କର ଭାଗବତପ୍ରାପ୍ତି ଓ ଦେଶମୁକ୍ତି ଥିଲା ଚରମ ଅଭିଳାଷ । ନିଜ ରଚନା ମାଧମରେ ସ୍ୱାଧୀନତାର ମୂଲ୍ୟବୋଧକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ସେ ଉଦ୍ୟମ କରିଥିଲେ । ବିଦେଶୀ ଶକ୍ତିକୁ ବିତାଡ଼ିତ କଲେ ଦେଶରୁ ଭୟ, ଆଶଙ୍କା, ଆତଙ୍କ ଓ ଅରାଜକତା ଦୂର କରାଯାଇ ପାରିବ ବୋଲି ଠାକୁରେ ଆଶାପୋଷଣ କରିଥିଲେ । ସେ 'ଅନ୍ତରଙ୍ଗ ସଂକୀର୍ତ୍ତନ'ରେ ଉଲ୍ଲେଖ କରିଥିଲେ -

'ବିଦେଶୀଙ୍କି ଆତ୍ମଦେଶେ ରଖି ସିନା ଭୟ
ବିଦେଶୀ ବର୍ଜନ କରି ସ୍ୱାଧୀନରେ ରୁହ ।।'

ଠାକୁରଙ୍କର ରଚିତ 'କଳି ଭାଗବତ' ୧୯୩୩ ମସିହା ଡିସେମ୍ବର ୨୯ ତାରିଖ ଦିନ ବ୍ରହ୍ମପୁରର ଶଶୀଭୂଷଣ ରଥଙ୍କ ଆଶା ପ୍ରେସ୍‌ରୁ ପ୍ରକାଶିତ ହେଲା । ଏହି ପୁସ୍ତକର ପ୍ରକାଶକ ଥିଲେ ଶ୍ୟାମ ସୁନ୍ଦର ଗନ୍ତାୟତ । କଟକ ଜିଲ୍ଲା ମାହାଙ୍ଗା ଥାନାର ତତ୍କାଳୀନ ଏସ୍.ଆଇ. ଦୁର୍ଗାନନ୍ଦ ମିଶ୍ର ଏହି ପୁସ୍ତକରେ ଇଂରେଜ ବିରୋଧୀ ପଂକ୍ତିମାନ ଥିବା ଉଲ୍ଲେଖ କରିଥିଲେ । ବିହାର-ଓଡ଼ିଶା ପୋଲିସ ମାଡ୍ରାସର ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ଏ.ପି. ବକ୍‌ଲେଙ୍କୁ ୨.୨.୧୯୩୪ରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ । ମାଡ୍ରାସ ସରକାର ୩୦.୪.୧୯୩୪ରେ 'କଳି ଭାଗବତ'କୁ ବାଜ୍ୟାପ୍ତ କଲେ । ଇଂରେଜ ପୋଲିସ୍ କର୍ମଚାରୀ ଶଶୀଭୂଷଣ ରଥଙ୍କ ଆଶା ପ୍ରେସ୍ ଓ ପ୍ରକାଶକ ଶ୍ୟାମ ସୁନ୍ଦର ଗନ୍ତାୟତଙ୍କ ଘର ୧୭.୯.୧୯୩୪ରେ ଏବଂ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ କରମଳା ଆଶ୍ରମକୁ ୧୯.୯.୧୯୩୪ରେ ଖାନତଲାସ କଲେ ।

ଠାକୁରଙ୍କ ବିରୁଦ୍ଧରେ ରାଜଦ୍ରୋହ ଅପରାଧରେ ଗଞ୍ଜାମର ଇନ୍‌ସପେକ୍ଟର ବି. ସୁବାରାୟ ମାଡ୍ରାସର ଚିଫ୍ ସେକ୍ରେଟାରୀ ଜି.ଟି.ଏଚ୍. ବରାକେନ୍ ସାହେବଙ୍କ ନିର୍ଦ୍ଦେଶରେ ୨୦.୯.୧୯୩୪ରେ କେଶ୍ ଦାୟର କଲେ । ଶ୍ରୀ ଅଭିରାମ ପରମହଂସ ଦେବଙ୍କୁ ୨୮.୮.୧୯୩୪ରେ କରମଳାରୁ ଗିରଫ କରାଯାଇ ଛତ୍ରପୁର କଲେକ୍ଟର ଏ.ଏଫ୍.ଡବ୍ଲ୍ୟୁ. ଡିକ୍‌ସନର କୋର୍ଟରେ ହାଜର କରାଗଲା । ଗଣପତି ସାହୁ ଓ ବାପାଣି ସାହୁ ଠାକୁରଙ୍କୁ ଜାମିନିରେ ଆଣିଥିଲେ । ଏ.ଏଫ୍.ଡବ୍ଲ୍ୟୁ. ଡିକସନଙ୍କ କୋର୍ଟରେ ଠାକୁରଙ୍କ ବିଚାର ୨୯.୯.୧୯୩୪ରୁ ଆରମ୍ଭ ହେଲା । କଳି ଭାଗବତ ପୁସ୍ତକର ମୁଦ୍ରାକର ଶଶୀଭୂଷଣ ରଥଙ୍କୁ ଅଭିଯୁକ୍ତ କରାଯାଇଥିଲା । ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ଓ ରମଣମୂର୍ତ୍ତି ଯଥାକ୍ରମେ ଶଶୀଭୂଷଣ ରଥ ଓ ଅଭିରାମ ପରମହଂସ ଦେବଙ୍କ ତରଫରୁ କେଶ୍ ପରିଚାଳନା କରୁଥିଲେ । ପଣ୍ଡିତ ବିନାୟକ ମିଶ୍ର ଓ ଜଗବନ୍ଧୁ ସିଂହ 'କଳି ଭାଗବତ'ର ବ୍ୟାଖ୍ୟା କରିବାକୁ କୋର୍ଟ ପରିସରକୁ ଆସିଥିଲେ । କୋର୍ଟରେ ବିଚାର ଶୁଣିବା ପାଇଁ ପଣ୍ଡିତ ନୀଳକଣ୍ଠ ଦାସ ଓ ବିଶ୍ୱନାଥ ଦାସଙ୍କ ସମେତ ଶହ ଶହ ଜନସାଧାରଣ ଉପସ୍ଥିତ ହେଉଥିଲେ । ୧୩.୧୦.୧୯୩୪ରେ କେଶ୍‌ର ଶୁଣାଣି ସରିଲା ଏବଂ ୧୫.୧୦.୧୯୩୪ରେ ଠାକୁରେ ନିଜର ଜମାନବନ୍ଦୀ ଦେଇଥିଲେ । ଏ.ଏଫ୍.ଡବ୍ଲ୍ୟୁ. ଡିକ୍‌ସନ ସାହେବ ୧୩.୧୨.୧୯୩୪ରେ ନିଜର ରାୟରେ ଠାକୁରଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ କଲେ । ଯାହାଦ୍ୱାରା ଠାକୁରଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଗଲା ଏବଂ ପରେ ୯.୧.୧୯୩୫ରେ ବ୍ରହ୍ମପୁରରୁ ରାଜମହେନ୍ଦ୍ରୀ ଜେଲ୍‌କୁ ସ୍ଥାନାନ୍ତରିତ କରାଗଲା । ଠାକୁରଙ୍କ ଜେଲ୍ ମିଆଦପୂର୍ଣ୍ଣ ହେବା ପୂର୍ବରୁ ୧.୧୧.୧୯୩୫ରେ ତାଙ୍କୁ କାରାମୁକ୍ତ କରାଗଲା । ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କର ଜନ୍ମୋତ୍ସବ ଅବସରରେ ତାଙ୍କ ପ୍ରତି ଏ ଜାତିର ଗଭୀର ଭକ୍ତିପୂତ ବିନମ୍ର ପ୍ରଣିପାତ ଓ ଶ୍ରଦ୍ଧାଞ୍ଜଳି ।

ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା-୭୫୨୦୫୪